# 116th meeting of the India-Pakistan Permanent Indus Commission

March 24, 2021

# ଭାରତ-ପାକିସ୍ତାନ ସ୍ଥାୟୀ ସିନ୍ଧୁ ଆୟୋଗର 116 ତମ ବୈଠକ

**ମାର୍ଚ୍ଚ 24, 2021**

23-24 ମାର୍ଚ୍ଚ 2021 ରେ ନୂଆଦିଲ୍ଲୀଠାରେ ଭାରତ ଏବଂ ପାକିସ୍ତାନର ସିନ୍ଧୁ ଆୟୁକ୍ତଙ୍କୁ ନେଇ ଗଠିତ ସ୍ଥାୟୀ ସିନ୍ଧୁ ଆୟୋଗର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। 1960 ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ସିନ୍ଧୁନଦୀ ଜଳଚୁକ୍ତି ଅନୁଯାୟୀ ଦୁଇ ଆୟୁକ୍ତଙ୍କୁ ପ୍ରତିବର୍ଷ ଅନ୍ତତଃ ଥରେ ଭାରତ ଏବଂ ପାକିସ୍ତାନରେ ସାକ୍ଷାତ କରିବାକୁ ପଡିବ। ବର୍ତ୍ତମାନର କୋଭିଡ 19 ମହାମାରୀ ପରିସ୍ଥିତି ଯୋଗୁଁ ଗତ ବର୍ଷ ଏହି ବୈଠକ ଅନୁଷ୍ଠିତ ହୋଇପାରି ନଥିଲା।

ଦୁଇଟି ଭାରତୀୟ ପ୍ରକଳ୍ପ ଯଥା ପାକଲ୍ ଦୁଲ୍ (1000 ମେଗାୱାଟ) ଏବଂ ଲୋୟର କଲନାଇ (48 ମେଗାୱାଟ) ର ଡିଜାଇନ୍ ଉପରେ ଆଲୋଚନା ଜାରି ରହିଥିଲା। ଭାରତୀୟ ପକ୍ଷ ଉଲ୍ଲେଖ କରିଥିଲେ ଯେ ଏହି ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ଭାବେ ଚୁକ୍ତିନାମାର ନିୟମାବଳୀ ଅନୁଯାୟୀ ଏବଂ ଏହାର ସ୍ଥିତିକୁ ସମର୍ଥନ କରି ବୈଷୟିକ ତଥ୍ୟ ପ୍ରଦାନ କରିଥିଲେ।

ବିକଶିତ ହେବାକୁ ଥିବା ଅନ୍ୟ ଭାରତୀୟ ଜଳ ବିଦ୍ୟୁତ୍ ପ୍ରକଳ୍ପର ଡିଜାଇନ୍ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ପାଇଁ ପାକିସ୍ତାନ ପକ୍ଷ ଭାରତକୁ ଅନୁରୋଧ କରିଥିଲେ। ଚୁକ୍ତିନାମା ଅନୁଯାୟୀ ଯେତେବେଳେ ଆବଶ୍ୟକ ସେତେବେଳେ ଏହି ସୂଚନା ଯୋଗାଇ ଦିଆଯିବ ବୋଲି ଭାରତୀୟ ପକ୍ଷ ଆଶ୍ୱାସନା ଦେଇଥିଲେ।

ଏହି ବୈଠକ ଆନ୍ତରିକତାର ସହ ଅନୁଷ୍ଠିତ ହୋଇଥିଲା। ଚୁକ୍ତିନାମା ଅନୁଯାୟୀ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବାକୁ ପ୍ରୟାସ ଜାରି ରଖିବା ପାଇଁ ବାରମ୍ବାର ଯୋଗାଯୋଗ କରିବାକୁ ଉଭୟ ଆୟୁକ୍ତ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପାରସ୍ପରିକ ସୁବିଧାଜନକ ତାରିଖରେ ପାକିସ୍ତାନରେ ଭାରତ-ପାକିସ୍ତାନ ସ୍ଥାୟୀ ସିନ୍ଧୁ ଆୟୋଗର ପରବର୍ତ୍ତୀ ବୈଠକ କରିବାକୁ ସହମତି ହୋଇଥିଲା।

**ନୂଆଦିଲ୍ଲୀ**
**ମାର୍ଚ୍ଚ 24, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.